**208**

**II**

**Total No. of Questions – 16**

**Total No. of Printed Pages – 4**

**Regd. No.**

## Part – II

## ODIA, Paper-II

**(Second Language)**

**Time : 3 Hours]** **[Max. Marks : 100**

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେ କୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର **ଶହେ ପଚାଶ (150)ଟି** ଶବ୍ଦ ମଧ୍ୟରେ ପ୍ରଦାନ କର । $1 \times 8 = 8$

   (କ) କାବ୍ୟନାୟିକା ଚନ୍ଦ୍ରଭାଗାର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ରାଧାନାଥଙ୍କ କୃତିତ୍ୱ ବିଚାର କର ।

   (ଖ) ଶ୍ମଶାନକୁ କେନ୍ଦ୍ର କରି ମଣିଷ ମନର ଭୟ ଓ ପ୍ରତିକ୍ରିୟା କିପରି ବର୍ଣ୍ଣିତ ହୋଇଛି, ତାହା ପଠିତ କବିତା ଅନୁସରଣରେ ଉଲ୍ଲେଖ କର ।

2. ଯେ କୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର **ଶହେ ପଚାଶ (150)ଟି** ଶବ୍ଦ ମଧ୍ୟରେ ପ୍ରଦାନ କର ।$1 \times 8 = 8$

   (କ) ଜାତି ଗଠନରେ କେଉଁ ତିନୋଟି କାରଣ ପରିଲକ୍ଷିତ ହୁଏ ତାହା ସଂକ୍ଷେପରେ ଆଲୋଚନା କର ।

   (ଖ) 'କ୍ଷମା' ପ୍ରବନ୍ଧର ସାମାଜିକ ଆବେଦନ ବିଚାର କର ।

3. ପୂର୍ବାପର ସଂପର୍କ ସୂଚାଇ କୋଣସି **ଗୋଟିଏ**ର ସରଳାର୍ଥ ଲେଖ । $1 \times 4 = 4$

   (କ) ମିଥ୍ୟା କଥା ଯେବେ ପ୍ରଜାଏ କହିବେ
   ମେଳ ହୋଇ ଶତ ଶତ
   ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି
   ବୋଲାଯାଏ ସତ ସତ ।

   (ଖ) ଏକଇ ପୁତ୍ର ରୋଗେ ବହୁଦିନୁ ହୋଇଚି ଶଯ୍ୟାଗତ
   ଏତିକି ବେଳକୁ ଦିଶୁଚି ତୁମକୁ ଜନତା ସେବାର ପଥ ?

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । $1 \times 4 = 4$

(କ) ସେମାନଙ୍କୁ ଯଦି ଏ ବିଷୟରେ କିଛି ପଚରା ଯାଆନ୍ତା, ସେମାନେ ନିଶ୍ଚୟ ଏଥିର ପ୍ରତିବାଦ କରି କହନ୍ତେ ଯେ, ଏସବୁ କେବଳ ଦେବତାମାନଙ୍କ ପ୍ରୋପାଗଣ୍ଡା, ଅପପ୍ରଚାର ଓ ଚକ୍ରାନ୍ତ ।

(ଖ) ଆମେ ସାହେବଙ୍କ ବିଜ୍ଞାନକୁ ଅନୁସରଣ କରିବା ବୋଲି କ'ଣ ଆମ କଇଁଫୁଲ ଧଳା ଦାନ୍ତକୁ ଅକାଳରେ ନଷ୍ଟ କରିଦେବା ?

5. ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $3 \times 2 = 6$

(କ) 'ହେଲେ ଶୂନ୍ୟ ଅଙ୍କ, ଶୂନ୍ୟ ଯୋଗେ ଅଙ୍କ, ପରି ହୃଦ ପ୍ରୀତି ଗୁଣ' – ଏହାର ମର୍ମାର୍ଥ କ'ଣ ?

(ଖ) ଜାତିକୂଳକୁ ଚାହିଁ କେଉଁ ବିଚାର ସମୁଚିତ ହେବ ବୋଲି ଧରମା କହିଛି ?

(ଗ) 'ଅଦ୍‌ଭୁତ ଏ ବିଚାର' କିଏ, କାହାକୁ ଓ କାହିଁକି କହିଛି ?

(ଘ) "କିନ୍ତୁ ରୂପ ଥିଲେ ପ୍ରଛନ୍ନେ କେବେ ରସିକ ଛାଡ଼େ ?" ଏହା କେଉଁ ସନ୍ଦର୍ଭରେ କୁହାଯାଇଛି ?

6. ଯେ କୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $3 \times 2 = 6$

(କ) ଜାତୀୟ ସାହିତ୍ୟ ଗଠନର ଉପାୟ କ'ଣ ?

(ଖ) କ'ଣ ପାଇଁ ଓ କେତେବେଳେ ମାଆ ନିଜ ଶିଶୁକୁ ବିକିଦିଏ ?

(ଗ) ଇଡ଼େନ୍ ଉପବନରେ କିଏ କିଏ କାହିଁକି କି ଭୁଲ କରିଥିଲେ ?

(ଘ) 'ଆମ ସମସ୍ତ ଚେଷ୍ଟାର ଗତି ପଶ୍ଚିମ ଆଡ଼କୁ' ବୋଲି ପ୍ରାବନ୍ଧିକ କହିଛନ୍ତି କାହିଁକି ?

7. ଯେ କୌଣସି **ଦୁଇଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $2 \times 2 = 4$

(କ) ବେଣୁଧର କ'ଣ କହି ଗୋପବନ୍ଧୁଙ୍କ ଚରଣ ତଳେ ପଡ଼ିଗଲା ?

(ଖ) ଜହ୍ନ ଗଦେଇକୁ କାହା କଥା କୁହେ ଓ କାହିଁକି ?

(ଗ) ରାମରାଜ୍ୟ କଥା ଅନାମ କାହିଁକି ଭାବୁଥିଲେ ?

୪. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । $5 \times 1 = 5$

(କ) ତୁମ ପଠିତ କବିତାରେ 'ରାଘବ-ବଧୂ' ବୋଲି କାହାକୁ କୁହାଯାଇଛି ?

(ଖ) ଚନ୍ଦ୍ରଭାଗା କାହା ଦ୍ୱାରା ପରିପାଳିତ ହୋଇଥିଲା ?

(ଗ) ଧର୍ମପଦ କିଏ ?

(ଘ) 'ଗ୍ରାମ୍ୟଶ୍ମଶାନ' କବିତାର କବି କିଏ ?

(ଙ) 'ବିଶ୍ୱଜୀବନ ପଥେ' କବିତାଟି କେଉଁ ଗ୍ରନ୍ଥରୁ ଗୃହୀତ ?

9. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । **5 × 1 = 5**

(କ) ବିଶ୍ୱନାଥ କର କେଉଁ ବ୍ୟବସ୍ଥାପକ ସଭାର ପ୍ରତିନିଧି ଥିଲେ ?

(ଖ) 'ମହତ୍ତର ପ୍ରତିହିଂସା' ବୋଲି କାହାକୁ କୁହାଯାଇଛି ?

(ଗ) ଯୁଧିଷ୍ଠିର କାହା ସଙ୍ଗରେ ପଶା ଖେଳିଥିଲେ ?

(ଘ) କାଳିଦାସଙ୍କଠୁ ବଡ଼ କବି ନାହାନ୍ତି ବୋଲି କେଉଁ ଜର୍ମାନ୍ କବି କହିଥିଲେ ?

(ଙ) ଭୁବନେଶ୍ୱର ବେହେରାଙ୍କ ତୁମ ପଠିତ ପ୍ରବନ୍ଧ ?

10. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର **ଶହେ ପଚାଶ (150)**ଟି ଶବ୍ଦ ମଧ୍ୟରେ ପ୍ରଦାନ କର । **1 × 10 = 10**

(କ) ନାମକରଣ ଦୃଷ୍ଟିରୁ 'ଏବେ ମଧ୍ୟ ବଞ୍ଚିଛି' ଗଳ୍ପର ସଫଳତା ବିଚାର କର ।

(ଖ) ଚଳନ୍ତି ସମାଜର ଜୀବନ ଚିତ୍ର 'ଅନେକ ସ୍ମିତହସ' ଗଳ୍ପରେ କିପରେ ପ୍ରତିଫଳିତ ତାହା ବୁଝାଇ ଲେଖ ।

11. ଯେ କୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ । **1 × 12 = 12**

(କ) ଏଡ୍ସ (AIDS)

(ଖ) ସ୍ୱଚ୍ଛଭାରତ

(ଗ) ଜନଜୀବନରେ କଂପ୍ୟୁଟର

12. କୌଣସି **ପାଞ୍ଚଟିର** ସଂକ୍ଷେପଣ କର । **5 × 1 = 5**

ବୁଦ୍ଧଙ୍କର ଉପାସକ, ଯିଏ ସୃଷ୍ଟିକରେ ସେ, ବ୍ୟାକରଣରେ ପଣ୍ଡିତ, ଦିତିଙ୍କର ପୁତ୍ର, ନାହିଁ ରୋଗ ଯାହାର, ଧାତୁ ସମ୍ବନ୍ଧୀୟ, ଅର୍ଥ ଅଛି ଯହିଁରେ, ଯାହାକୁ ଜୟ କରିହେବ ନାହିଁ

13. କୌଣସି **ପାଞ୍ଚଟିର** ଦୁଇଟି ଲେଖାଏଁ ସମାନାର୍ଥକ ଶବ୍ଦ (ପ୍ରତିଶବ୍ଦ) ଲେଖ । **5 × 1 = 5**

ନଭ, ଭୂଧର, ଜଳଧି, ବିଭାବରୀ, ଜଙ୍ଗଲ, ସରିତ, ସମୀର, ତୁରଙ୍ଗ

14. କୌଣସି ପାଞ୍ଚଟିର ଭ୍ରମ ସଂଶୋଧନ କର ।  $5 \times 1 = 5$

କାଳନ୍ଦୀ, ଶୀକାର, ଲଜ୍ୟା, ଭୌଗଳିକ, ପ୍ରଚୂର, ଉଣା, ଅପରାହ୍ନ, ଆଶ୍ରୀବାଦ

15. କୌଣସି ପାଞ୍ଚଟିର ଅର୍ଥଗତ ପାର୍ଥକ୍ୟ ଲେଖ ।  $5 \times 1 = 5$

ଭିତ୍ତି – ଭୀତି, ଶତ – ସତ

ବେଶି – ବେଶୀ, ବିମର୍ଶ – ବିମର୍ଷ

ପ୍ରସାଦ – ପ୍ରାସାଦ, ପାବନି – ପାବନୀ

ଚରିତ – ଚରିତ୍ର, ଉପାଦାନ – ଉପାଧାନ

16. ଓଡ଼ିଆରେ ଅନୁବାଦ କର ।  $1 \times 8 = 8$

Once there was a fisherman living near by a river. Everyday he went for fishing in the river to earn his livelihood. As usual he went for fishing and cast his net into the river. He thought that if the big fish was caught, immediately he would sell it to the King and get more money. Then he would perform the marriage of his daughter in a grand manner.